# Akashvani, Sambalpur

## SAMBALPURI NEWS EVENING BULLETIN

## 18 March 2026-7.02- 7.12 pm.

---

୧- ବିଧାନ୍‌ସଭା ନ ଆଏବା ଆର୍ଥିକ୍ ବଛର୍ ଲାଗି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

୨- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଆଉ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନା ଅଧୀନ୍‌ଥି ହିତାଧିକାରୀମାନ୍‌କୁ ଦିଆଯାଉଛେ ଶହେ ପ୍ରତିଶତ୍ ଚାଉଲ୍ ।

୩- ଗଜପତି ମହାରାଜ୍ ଙ୍କର୍ ଅଧ୍ୟକ୍ଷତାଥି ହେଲା ପୁରୀ ଶ୍ରୀମନ୍ଦିର୍ ସାଂସ୍କୃତିକ ଆଉ ପ୍ରକଳ୍ପ ବୈଷୟିକ ଉପକମିଟିର୍ ଜରୁରୀ ବୈଠକ୍ ।

୪- କଳିଙ୍ଗ ଷ୍ଟାଡ଼ିୟମ୍ ନ ମୁଲ୍ ହେଲା ୨୪ ନମ୍ବର୍ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ -୨୦୨୬ ।

ଆଉର୍

୫- ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ସମ୍ବଲ୍‌ପୁର୍, କଳାହାଣ୍ଡି ଆଉ କନ୍ଧମାଲ୍ ଜିଲ୍ଲା ନ ବର୍ଷା ନେଇକରି ସତର୍କ କଲା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୮ ନମ୍ବର୍ ଦିନେ ଆଏଜ୍ ଭିଲ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ ଅଗ୍ନିକାଣ୍ଡ ଆଉ ରୋଗୀମୃତ୍ୟୁ ଘଟ୍‌ନାକେ ନେଇକରି ଗୃହ କାର୍ଯ୍ୟ ପ୍ରଭାବିତ୍ ହେଇଥିଲା । ସଖାଲ୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ବିରୋଧୀ ବିଜେଡ଼ି ଆଉ କଂଗ୍ରେସ୍‌ର ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍ ଇସ୍ତଫା ଦାବି କର୍‌ବାର୍ ସହେତେ ସ୍ଲୋଗାନ୍ ଦେଇକରି ଗୃହ ମଝା ନ ବିକ୍ଷୋଭ ପ୍ରଦର୍ଶନ୍ କରିଥିଲେ । ଇଥିର୍‌ଲାଗି ବାର୍‌ବାର୍ ବିଧାନ୍‌ସଭା ମୁଲ୍‌ତବୀ ହେଇଥିଲା । ଉପର୍‌ବେଲା ୪ ବଜେ ଗୃହ କାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ପଂଚାୟତିରାଜ୍, ପାନୀୟ ଜଳ ବିଭାଗ୍ ଆଉ ଗ୍ରାମ୍ୟ ଉନ୍ନୟନ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ୍ ୨୦୨୬-୨୭ ଆର୍ଥିକ୍ ବଛର୍‌ଥି ନିଜର୍ ବିଭାଗ୍ ଲାଗି ୩୪

ହଜାର୍ ଶହେ ୧ କୋଟି ୯୬ ଲାଖ୍ ୨୬ ହଜାର୍ ଟଙ୍କା ଆଉ ୧୦ ହଜାର୍ ୨ ଶହ ୪ କୋଟି ୧୦ ଲାଖ୍ ୫୦ ହଜାର୍ ଟଙ୍କା ଖର୍ଚ୍ଚା ଦାବି ଉପସ୍ଥାପନ୍ କରିଥିଲେ । ଖର୍ଚ୍ଚା ଦାବି ଆଲୋଚନାଥି ଭାଗ୍ ନେବାର୍‌କେ ବାଚସ୍ପତି ବିରୋଧୀ ଦଲର୍ ସଦସ୍ୟମାନ୍‌କୁ ବାର୍‌ବାର୍ ପଚ୍‌ରେଇଥିଲେ ଭିଲ୍ କେହି ଆଲୋଚନାଥି ଭାଗ୍ ନାଇଁ ନେଇଥିଲେ । ଶେଷେ ଶାସକ ଦଲର୍ ସଦସ୍ୟମାନେ ଖାଲି ଆଲୋଚନାଥି ଭାଗ୍ ନେଇଥିଲେ । ଇତାର୍ ପ୍ରତିବାଦ୍‌ଥି ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ୍ କରିଥିଲେ ।

ବିଧାନ୍‌ସଭା-ଖାଦ୍ୟ ସୁରକ୍ଷା ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଆଉ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନାଥି ରାଏଜେ ହିତାଧିକାରୀମାନ୍‌କୁ ଶହେ ପ୍ରତିଶତ୍ ଚାଉଲ୍ ବଂଟାଯାଉଛେ । ଆଏବା ଦିନେ ଗହମ୍ ବାଂଟ୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ବ୍ୟବସ୍ଥା କରୁଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ମନ୍ତ୍ରୀ ଶ୍ରୀ

ପାତ୍ର କହିଛନ୍, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧୀନ୍‌ଥି ଥିବା ୮୭ ହଜାର୍ ୬ ଶହ ୨୫ ଟା ପରିବାର୍‌କେ ଆଉ ୧୨ ଲାଖ୍ ୩୬ ହଜାର୍ ୩ ଶହ ୯୯ ଅନ୍ତ୍ୟୋଦୟ ପରିବାର୍ ସଦସ୍ୟଙ୍କୁ ମାହାଲିଆ ଚାଉଲ୍ ଯୁଗେଇ ଦିଆଯାଉଛେ । ସେନ୍ତା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନା ଅଧୀନ୍‌ଥି ଥିବା ୧ ଲାଖ୍ ୧୫ ହଜାର୍ ଶହେ ୨୯ ଟା ପରିବାର୍‌କେ ହାରାହାରି ୧ ଲାଖ୍ ୮୮ ହଜାର୍ ମେଟ୍ରିକ୍ ଟନ୍ ଚାଉଲ୍ ଯୁଗେଇ ଦିଆଯାଉଛେ ବଲି ଯୋଗାଣମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା- ଧାନ୍‌ଘିନା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଗଲା ୧୬ ତାରିଖ୍‌ତକ୍ ୭୨ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନିଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନ୍‌ସଭା ନ କହିଛନ୍ । ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଇ ସମିଆଥି ୧୭ ଲାଖ୍ ୨୦ ହଜାର୍ ଚାଷୀଙ୍କୁ ଏମ୍‌ଏସ୍‌ପି ବାବ୍‌ଦେ ୧୬ ହଜାର୍ ୨ ଶହ ୨୫ କୋଟି ଆଉ ଇନ୍‌ପୁଟ୍ ସାହାଜ୍ ବାବ୍‌ଦେ ୫ ହଜାର୍ ୭ କୋଟି ଟଙ୍କା ଦିଆଯାଇଛେ । ଚାଷୀମାନ୍‌କୁ

ଏବ୍‌ତକ୍ ଧାନ୍ ବିକ୍ରି ବାବ୍‌ଦେ ମୋଟ୍ ୨୧ ହଜାର୍ ୨ ଶହ ୩୨ କୋଟି ଟଙ୍କା ଯୁଗେଇ ଦିଆଯାଇଥିବାର୍ ମନ୍ତ୍ରୀ ଗୃହ ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ କହିଛନ୍, ଧାନ୍ ଘିନାକେ ଠିକ୍ ଭାବେ କର୍‌ବାର୍ ଲାଗି ଓଡ଼ିଶା ରାଜ୍ୟ ଯୋଗାଣ ନିଗମ୍‌କେ ସର୍‌କାର୍ ୫ ହଜାର୍ କୋଟି ଟଙ୍କା ଆବର୍ତନ୍ ପାଣ୍ଠି ଯୁଗେଇ ଦେଇଛନ୍ । ଭିନ୍ ଭିନ୍ ବେଙ୍କ୍‌ନୁ ଋଣ କରିକରି ଧାନ୍ ଘିନ୍‌ବାର୍ ଲାଗି ସର୍‌କାର୍ ୧୭ ହଜାର୍ ୫ ଶହ କୋଟି ଟଙ୍କା ବେଙ୍କ୍ ଗେରେଂଟି ଦେଇଛନ୍ । ଆଏବା ମାର୍ଚ୍ଚ ୩୧ ତାରିଖ୍‌ତକ୍ ରାଜ୍ୟ ସର୍‌କାର୍ ଚାଷୀମାନ୍‌କର୍‌ନୁ ୭୩ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ରଖିଛନ୍ ବଲି ଯୋଗାଣ ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା -ମତ୍ସ୍ୟ ସମ୍ପଦ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଗହୀର ସମୁଦ୍ର ଭିତ୍‌ରେ ମାଛ୍‌ଧରାକେ ତହଁକାବାର୍ ଲାଗି ଗୁଟେ ଖାସ୍ ଅଭିଯାନ୍ ମୁଲ୍ କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍, ଗୁହେର୍ ସମୁଦ୍ର ମାଛ୍‌ଧରା ମିଶନ୍

ଅଧୀନ୍‌ଥି ଆଏବା ୫ ବଛର୍ ଭିତ୍‌ରେ ରାଜ୍ୟ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ଜରିଏ ଶହେ ନୁ ଶହେ ୫୦ ଟା ମାଛ୍‌ମରା ଜାହାଜ୍ ଯୁଗେଇ ଦେବାର୍ ବ୍ୟବସ୍ଥା କରିଛନ୍ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ୍ ଯୋଜ୍‌ନା ଆଉ ପ୍ରଧାନ୍‌ମନ୍ତ୍ରୀ ମତ୍ସ୍ୟ ସମ୍ପଦ୍ ଯୋଜ୍‌ନା ଜରିଏ ଆଗ୍ରହୀ ଯୋଗ୍ୟ ହତାଧିକାରୀଙ୍କୁ କମ୍ ଦାମ୍‌ଥି ମାଛ୍‌ମରା ଜାହାଜ୍ ଯୁଗେଇ ଦିଆଯିବା । ମାଛ୍‌ଧରା ବନ୍ଦର୍ ମାନ୍‌କର୍ ବିକାଶ୍ କରାଯିବାର୍ ସହେତେ ଫିସିଙ୍ଗ ହାର୍ଭର୍‌ର ଉନ୍ନତିକରଣ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ରାଜ୍ୟସଭା- ବିଦାୟ ସମ୍ବର୍ଦ୍ଧନା          ଏନ୍‌ଏସ୍‌ଡି

ରାଜ୍ୟସଭା ନ ଆଏଜ୍ କାର୍ଯ୍ୟକାଲ ଶେଷ୍ ହେଇଥିବା ୨୦ ଟା ରାଜ୍ୟର୍ ୫୯ ଝନ୍ ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛେ । ସେଥିର୍‌ଭିତ୍‌ରେ ଓଡ଼ିଶାର୍ ୪ ଝନ୍ ସଦସ୍ୟ ସୁଜିତ୍ କୁମାର୍, ନିରଞ୍ଜନ୍ ବିଶି, ମୁନା ଖାନ୍, ମମତା ମହନ୍ତ ରହିଛନ୍ । ବିଦାୟ ସମ୍ବର୍ଦ୍ଧନା ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି କହିଛନ୍, ରାଜ୍‌ନୀତି ନ

କେଭେଭିଲ୍ ପୂର୍ଣ୍ଣଚ୍ଛେଦ୍ ନାଇଁଥାଏ । ସଂସଦୀୟ ଗଣତନ୍ତ୍ରରୁ ଇ ସଦସ୍ୟମାନ୍‌କର୍ ଅବଦାନ୍ ସବୁବେଲେ ସ୍ମୁର୍‌ତା ହେଇକରି ରହେବା । ଅବସର ନଉଥିବା ସଦସ୍ୟମାନ୍‌କର୍ ଅନୁଭୂତି ଆଉ ଅବଦାନ୍ ସବୁବେଲେ ଦେଶ୍ ଲାଗି ପ୍ରାସଙ୍ଗିକ୍ ଆଉ ଗୁରୁତ୍ୱପୂର୍ଣ୍ଣ ହେଇରହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ସିବିଏସ୍‌ଇ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ହି.ସ.

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ୍ - ସିବିଏସ୍‌ଇ ତର୍‌ଫୁ ଇମ୍ପ୍ରୁଭ୍‌ମେଂଟ୍ ପରୀକ୍ଷା ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ୧୦ ଶ୍ରେଣୀର୍ ପରୀକ୍ଷାର୍ଥୀମାନେ ୩ ଟା ବିଷେଥି ଇ ପରୀକ୍ଷା ଦେଇପାର୍‌ବେ । ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଇ ବଛର୍ ପହେଲାକରି ସିବିଏସ୍‌ଇ ତର୍‌ଫୁ ୨ ଟା ବୋର୍ଡ୍ ପରୀକ୍ଷା କରାଯାଉଛେ । ପହେଲା ବୋର୍ଡ୍ ପରୀକ୍ଷାଥି ପାସ୍ କରିଥିବା ଛାତ୍ରଛାତ୍ରୀମାନେ ୨ ନମ୍ବର୍ ବୋର୍ଡ୍ ପରୀକ୍ଷା ଦେଇପାର୍‌ବେ । ଆଏବା ୩୧ ତାରିଖ୍‌ତକ୍ ପରୀକ୍ଷାର୍ଥୀମାନ୍‌କର୍ ତାଲିକା ବାହାର୍ କରାଯିବା ବଲି ବୋର୍ଡ୍ ତର୍‌ଫୁ କୁହାଯାଇଛେ ।

ପୁରୀ ଶ୍ରୀମନ୍ଦିର୍ -ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଗଜପତି ମହାରାଜ୍ ଦିବ୍ୟସିଂହଦେବଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ ସାଂସ୍କୃତିକ ଆଉ ପ୍ରକଳ୍ପ ବୈଷୟିକ ଉପକମିଟିର୍ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶ୍ରୀମନ୍ଦିର୍‌ର ଭିନ୍ ଭିନ୍ ପ୍ରକଳ୍ପର୍ ରୂପରେଖ ସହେତେ ରଥଯାତ୍ରା ଆଘୋନୁ ଗୁଣ୍ଡିଚା ମନ୍ଦିର୍‌ର ସୌନ୍ଦର୍ଯ୍ୟକରଣ୍, ଏମାର ମଠ ନ ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର ରଘୁନନ୍ଦନ ଲାଇବ୍ରେରୀ ଥାପ୍‌ନାକେ ନେଇକରି ତିଆର୍ ହେଇଥିବା ଡିପିଆର୍ ବାବ୍‌ଦେ ଆଲୋଚନା ହେଇଥିଲା । ବୈଠକ୍‌ଥି ପୁରୀ ବଡ଼ଦାଣ୍ଡର୍ ଉନ୍ନତିକରଣ୍ ଉପ୍‌ରେ ଖାସ୍ ଧ୍ୟାନ୍ ଦିଆଯାଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଆଭାସୀ ଜରିଏ ଯୋଗ୍ ଦେଇଥିଲା ବେଲେ ପୁରୀ ଜିଲ୍ଲାପାଲ୍, ଆରକ୍ଷୀଅଧିକ୍ଷକ ଶ୍ରୀମନ୍ଦିର୍ ପରିଚାଳନା କମିଟି ସଦସ୍ୟଙ୍କର୍ ସହେତେ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ । ଇ ବାବ୍‌ଦେ ପୁରୀ ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍...

(ଭଏସ୍ ଓଭର୍- ପୁରୀ ଜିଲ୍ଲାପାଲ୍)

ପୁରୀଶ୍ରୀମନ୍ଦିର- ବୈଠକ୍ ପୁରୀ ସମ୍ବାଦଦାତା

ଚୈତ୍ ମାସର୍ ଅନ୍ଧାର ପଖର୍ ଚତୁର୍ଦ୍ଦଶୀ ତିଥି ଅବ୍‌ସରେ ଆଏଜ୍ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି କରାଯାଉଛେ । ଇଟା ଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ସଞ୍ଜବେଲର୍ ୬ ନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରଖାଯାଇଛେ ।

କେନ୍ଦ୍ର କେବିନେଟ୍ ଏନ୍‌ଏସ୍‌ଡି

କେନ୍ଦ୍ର କେବିନେଟ୍ ତର୍‌ଫୁ ଆଏଜ୍ ୨୦୨୩-୨୪ କପା ବଛର୍‌ଥି ଭାରତୀୟ କପା ପରିଷଦ୍ ଲାଗି ୧ ହଜାର୍ ୭ ଶହ ୧୮ କୋଟିନୁ ଅଏତ୍‌କା ଟଙ୍କାର୍ ଏମ୍‌ଏସ୍‌ପି ପାଣ୍ଠି ଅନୁମୋଦନ୍ କରାଯାଇଛେ । ଇତାର୍‌ଜରିଏ ଦେଶେ କପା ଚାଷ୍‌କେ ତହଁକାଯିବାର୍ ସହେତେ ଚାଷୀମାନ୍‌କୁ ବଦ୍‌ଲୁଥିବା ବଜାର୍ ଦର୍‌ନୁ ସୁରକ୍ଷିତ୍ ରଖାଯାଇପାର୍‌ବା ବଲି କେନ୍ଦ୍ର ସୂଚନା ଆଉ ପ୍ରଯୁକ୍ତିବିଦ୍ୟାମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ

ବୈଷ୍ଣବ୍ କହିଛନ୍, ବୈଠକ୍‌ଥି ଦେଶେ ବିଶ୍ୱସ୍ତରର୍ ଶିଳ୍ପ ଉଦ୍ୟାନ୍ ଥାପ୍‌ନା ଲାଗି ୩୩ ହଜାର୍ ୬ ଶହ ୬୦ କୋଟି ଟଙ୍କା ଅନୁମୋଦନ୍ କରାଯିବାର୍ ସହେତେ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ବିକାଶ୍ ଲାଗି ୨୦୨୬ -୨୭ ନୁ ୨୦୩୦-୩୧ ବଛର୍‌ଥି ନୂଆଁ ଯୋଜ୍‌ନାକେ ଅନୁମୋଦନ୍ କରାଯାଇଛେ ।

ରଥକାଠ କାଟ୍‌ବାର୍ ମୁଲ୍ ବୌଦ୍ଧ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ପୁରୀ ରଥ୍‌ଯାତ୍ରାର୍ ରଥ ତିଆରି ଲାଗି ବୌଦ୍ଧ ଜିଲ୍ଲା ମାଧୋପୁର୍ ରେଞ୍ଜ୍ ମୁଣ୍ଡେଶ୍ୱର୍ ଜଙ୍ଗଲ୍ ନ ଆଏଜ୍‌ଠାନୁ କାଠ୍‌କଟା ମୁଲ୍ ହେଇଛେ । ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ୍‌ଙ୍କର୍ ନେତୃତ୍ୱ୍‌ଥି ପୂଜାପାଠ୍ କରାଯିବାର୍ ଉତ୍‌ରୁ ଅସନ, ଧଉରା, ଫାଶି, ଶେମେଲ୍ ବାଗିର୍ ଗଛ୍ କଟା ଯାଇଛେ । ଇ ବଛର୍ ବୌଦ୍ଧ ଜିଲ୍ଲାର୍ ୫ଟା ରେଞ୍ଜ୍ ମାଧପୁର୍, ପୁରୁଣାକଟକ୍, ବୌଦ୍ଧ, ମନମୁଣ୍ଡା ଆଉ କଂଟାମାଲ୍‌ନୁ ୨ ଶହ ଖଁଡ୍ କାଠ୍ ପୁରୀକେ ପଠାଯିବା ।

ସହରାଂଚଲ ପ୍ରତିନିଧି-ସମାବର୍ତ୍ତନ୍ ଉତ୍ସବ୍/ ନୂଆପଡ଼ା ସମ୍ବାଦଦାତା

ନୂଆଦିଲ୍ଲୀ ନ ହେଇଥିବା ସହରାଂଚଲ୍ ପ୍ରତିନିଧି ସମାବର୍ତନ ଉତ୍ସବ୍-୨୦୨୬ ଥି ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍ଏସି ଅଧ୍ୟକ୍ଷା ଡକ୍ଟର୍ ସୋନିଆ ଜୈନ୍ ଯୋଗ୍ ଦେଇକରି ନିଜର୍ ଜିଲ୍ଲାର୍ ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କରିଛନ୍ । ମହିଳା ଜନପ୍ରତିନିଧିମାନେ ନିଜର୍ ଇଲାକାର୍ ସମସ୍ୟାକେ ଠିକ୍ ଭାବେ ଉପସ୍ଥାପନ୍ କଲେ ସମାଧାନ୍ର ବାଟ୍ ବାହାର୍ସି ବଲି ଇ ଅବ୍ସରେ ଶ୍ରୀମତୀ ଜୈନ୍ କହିଛନ୍ ।

ସଚେତନତା କାର୍ଯ୍ୟକ୍ରମ ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଉପ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଆଏଜ୍ ସାମାଜିକ୍ ବିଭାଗ୍ ତର୍ଫୁ ପିତାମାତା ଆଉ ବରିଷ୍ଠ ନାଗରିକଙ୍କର୍ ଭରଣପୋଷଣ୍ କଲ୍ୟାଣ୍ ଅଧିନିୟମ୍-୨୦୦୭ କେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଆଇନ୍ ଅନ୍ସାରେ ଫି’ ଭାରତୀୟ ନାଗରିକ୍ ମୌଲିକ୍ ଅଧିକାର୍ ପାଏବାର୍ ହକ୍ଦାର୍ ଆନ୍ ବଲି ଶିବିର୍ଥି ଅତିଥିମାନେ କହିଛନ୍ । ଇ ଅବ୍ସରେ ମାଷ୍ଟର୍

ଟ୍ରେନର୍ ମାନେ ବରିଷ୍ଠ ନାଗରିକମାନ୍‌କୁ ଭିନ୍ ଭିନ୍ ବିଷେ ଉପ୍‌ରେ ତାଲିମ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରର୍ ଆଉ ସାମାଜିକ ସୁରକ୍ଷା ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀଙ୍କର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଇଲାକାର୍ ବରିଷ୍ଠ ନାଗରିକମାନେ ଯୋଗ୍ ଦେଇଥିଲେ ।

ଯୁବ ସଂସଦ୍ କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପାଲ୍‌ଝର୍ ଜବାହାର୍ ନବୋଦୟ ବିଦ୍ୟାଲୟ ନ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ ପ୍ରକ୍ରିୟା ଆଉ ଦାୟିତ୍ୱବାନ୍ ନାଗରିକ ବାବଦ୍ ଯୁବ ସଂସଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ଦେଶର୍ ଗଣତାନ୍ତ୍ରିକ ବ୍ୟବସ୍ଥାକେ ପ୍ରତ୍ୟକ୍ଷ ଭାବେ ବୁଝ୍‌ବାର୍ ସୁଯୋଗ୍ ପାଇଥିଲେ । ଛାତ୍ରଛାତ୍ରୀମାନେ ବାଚସ୍ପତି, ପ୍ରଧାନ୍‌ମନ୍ତ୍ରୀ, ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଆଉ ସାଂସଦ୍ ଭୂମିକାଥି ଅବତୀର୍ଣ୍ଣ ହେଇଥିଲେ ।

ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍/ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ୨୪ ନମ୍ବର୍ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ -୨୦୨୬ ମୁଲ୍ ହେଇଛେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରତିଯୋଗିତାକେ ଉଦ୍‌ଘାଟନ୍ କରିଛନ୍ । ଓଡ଼ିଶା ପାରା କ୍ରୀଡ଼ା ସଂଘ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍ ତର୍‌ଫୁ ହଉଥିବା ପ୍ରତିଯୋଗିତାଥି ଶହେ ୪୫ ନୁ ଅଏତ୍‌କା ବର୍ଗଥି ଖେଲ୍ ହେବା । ପ୍ରତିଯୋଗିତାଥି ଓଡ଼ିଶାନୁ ୪୦ ଝନ୍ କ୍ରୀଡ଼ାବିତ୍ ଭାଗ୍ ନେଉଛନ୍ । ଚମ୍ପିଆନ୍‌ସିପ୍ ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା ।

ଏସିଆନ୍ ଗେମ୍ସ-ରଶ୍ମୀତା ସାହୁ ଆଇ.ଆଣ୍ଡ୍.ପି.ଆର୍

ଜାପାନ୍ ନ ହେବାର୍‌କେ ଥିବା ଏସିଆନ୍ ଗେମ୍ସର ଜଳକ୍ରୀଡ଼ା ବିଭାଗ୍‌ଥି ଓଡ଼ିଶା ପୁଲିସ୍ ବିଭାଗ୍‌ର କନ୍‌ଷ୍ଟେବଲ୍ ରଶ୍ମୀତା ସାହୁ ଭାଗ୍ ନେବାର୍‌କେ ମନୋନୀତ୍ ହେଇଛନ୍ । ରଶ୍ମୀତା

ଇହାଦେ ଉତରାଖଣ୍ଡର ତେହେରିପାହାଡ଼୍ ଇଲାକା ନ ତାଲିମ୍ ନଉଛନ୍ । ଇ ବାବ୍‌ଦେ ଓଡ଼ିଶା ପୁଲିସ୍ ତର୍‌ଫୁ ସୂଚ୍‌ନା ଦିଆଯିବାର୍ ସହେତେ ତାଙ୍କର୍ ସଫଲତା ଲାଗି ଶୁଭେଚ୍ଛା ଜ୍ଞାପନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ରାଜସ୍ଥାନ୍ ନୁ ଉତର୍ ଛତିଶ୍‌ଗଡ଼୍ ଭିତ୍‌ରେ ହେଇଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଦକ୍ଷିଣ ଓଡ଼ିଶାର୍ କେତେଟା ଜାଗା ନ ହାଲ୍‌କାନୁ ମଧ୍ୟମ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ଆଉ ବର୍‌ଗଡ଼୍ ଜିଲ୍ଲାର୍ କେତେଟା ଜାଗା ନ ଗଲାକାଏଲ୍ କରାମାଡ଼୍ ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, କଲାହାଣ୍ଡି ଆଉ କନ୍ଧମାଲ୍ ଜିଲ୍ଲାର୍ ଗୁଟେ/ ଦୁଇଟା ଜାଗା ନ ଘଡ଼୍‌ଘଡ଼ି ସହେତେ କରାମାଡ଼୍ ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।